# Guidelines for Deputation of Cultural Troupe

## (for Requesting Agency/ Organizer)

| **Sl.No.** | Rules/Guidelines for Requesting Agency/Organizer |
|---|---|
| 1. | The cultural troupes generally deputed for performance at various events/occasion by Odia Language, Literature and Culture Department on request of different requested agencies or organization. |
| 2. | OLL&C Dept. may extend troupe support for traditional Odia festival like Rath Yatra, Shiba Ratri, Boitabandana, Rajo, Nuakhai, Pushpuni, Baliyatra, Makara Mela, Odia Naba Barsha & Pana Sankranti, Sital Sasthi, Odisha Divas, Lokamahotsav, Folk Festival, Tribal Festival, Regional Festival etc. at important places in and outside the State. |
| 3. | OLL&C Dept. may extend troupe support for Silver, Golden, Diamond Jubilee function of schools and colleges etc. |
| 4. | Deptt. will not normally consider the proposal for general/public festivals **(sarba-janina**) like Durga Puja, Ganesh Puja, Saraswati Puja, Holi, Diwali, Kali Puja etc. |
| 5. | Troupe shall be deputed from among the registered cultural troupes of various art forms with OLL&C Dept. |
| 6. | The Requesting Agency are to register in CTMS (Web application) for availing troupe support from OLLC Department with a registration fee of Rs.1,000/- for a year. |
| 7. | Proposal from Requesting Agency (organizer) would be entertained 25 days before the date of proposed programme by OLL&C Dept. |
| 8. | Deptt. deputes registered troupe on departmental approved rate and in case the Requesting Agency (Organizer) requests for well-known troupes or higher/ rates the additional payment shall be borne by the Requesting Agency (organizer). |
| 9. | One Requesting Agency (organizer) will be allowed a maximum of 3 requests on different occasions in a year or a maximum of 5CTs in a year whichever is covered earlier. |
| 10. | All empanelled (organizers Requesting Agency) to arrange stage, light, sound, hospitality of deputed cultural troupes and also to furnish a performance certificate with the details of programmes along with visual proof, etc., soon after the programme is over for processing of payment to the troupe in the CTMS Web application. |
| 11. | All the empanelled Requesting Agencies of Deptt. of OLLC would display a banner on the stage with the caption "**Courtesy: Department of Odia, Language, Literature and Culture, Govt. of Odisha**" during the programme and shall caption the social message of Hon'ble Chief Minister, Odisha. |
| 12. | All the empanelled Requesting Agencies of Deptt. of OLLC shall take steps to stop display of any obscene/vulgar performance. The use of dialogues / gestures/action sequences of troupe shall not berate women and children. The actors should not use coarse language with double meaning having explicit overtones. The performance should not initiate hatred and disturb peace and harmony in the society with adequate respect shown to all religion, faith and sects. |
| 13. | Any violation of above guideline would amount to ban up of the concerned CT. RAs are expected to report such incident failing which RA's would be treated as 'Partners in crime' and would be banned. |

# ବିଭିନ୍ନ ପର୍ବୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଆୟୋଜକ ଅନୁରୋଧକାରୀ ସଂସ୍ଥାମାନଙ୍କ ପଞ୍ଜୀକରଣ ସଂକ୍ରାନ୍ତୀୟ ମାର୍ଗଦର୍ଶିକା/ନିୟମାବଳୀ

## Rules /Guidelines for Cultural Programme ( for Requesting Agency )

| କ୍ରମିକ ସଂଖ୍ୟା | ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଅନୁରୋଧକାରୀ ସଂସ୍ଥାମାନଙ୍କ ପଞ୍ଜୀକରଣ ସଂକ୍ରାନ୍ତୀୟ ମାର୍ଗଦର୍ଶିକା/ନିୟମାବଳୀ |
|---|---|
| ୧. | ବିଭିନ୍ନ ପର୍ବୋତ୍ସବ ଅବସରରେ ସାଧାରଣତଃ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ବିଭିନ୍ନ ସାଂସ୍କୃତିକ ଦଳମାନ ପ୍ରେରଣ କରାଯାଇ ଥାଏ । |
| ୨. | ଓଡିଶା ପାରମ୍ପାରିକ ଯାନୀ ଯାତ୍ରା ଯଥା- ରଥ ଯାତ୍ରା, ଶିବରାତ୍ରି, ବୋଇତ ବନ୍ଦାଣ, ରଜ, ନୂଆଖାଇ, ପୁଷପୁନୀ, ବାଲିଯାତ୍ରା, ମକର ମେଳା, ଓଡିଆ ନବବର୍ଷ, ପଣାସଂକ୍ରାନ୍ତି, ଶୀତଳ ଷଷ୍ଠୀ, ଓଡିଶା ଦିବସ, ଲୋକ ମହୋତ୍ସବ, ପାରମ୍ପାରିକ ଆଦିବାସୀ ଉତ୍ସବ, ପ୍ରମୁଖ ଆଞ୍ଚଳିକ ଉତ୍ସବ ଆଦି ଆୟୋଜିତ ହୋଇ ଆସୁଥିବା ପ୍ରମୁଖ/ସର୍ବଜନାଦୃତ ସ୍ଥାନ ବିଶେଷ ପାଇଁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଧି ମୁତାବକ ସାଂସ୍କୃତିକ ଦଳମାନ ପ୍ରେରଣ କରାଯିବ । |
| ୩. | ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡିକର ରୌପ୍ୟ, ସ୍ୱର୍ଣ୍ଣ, ହୀରକ ଜୟନ୍ତୀ ପାଳନ ଅବସରରେ ବିଭାଗ ପକ୍ଷରୁ ବିଧି ମୁତାବକ ସାଂସ୍କୃତିକ ଦଳମାନ ପ୍ରେରଣ କରାଯିବ । |
| ୪. | କୌଣସି ସାର୍ବଜନୀନ ପୂଜା ଉତ୍ସବ ଯଥା-ଦୁର୍ଗାପୂଜା, ସରସ୍ୱତୀ ପୂଜା, ଗଣେଶ ପୂଜା, କାଳି ପୂଜା, ହୋଲି/ଦୋଳ, ଦୀପାବଳି ଇତ୍ୟାଦି ପାଇଁ ସାଧାରଣତଃ ବିଭାଗ ପକ୍ଷରୁ ସାଂସ୍କୃତିକ ଦଳ ପ୍ରେରଣା କରାଯିବ ନାହିଁ । ତେବେ, ପ୍ରମୁଖ/ସର୍ବଜନାଦୃତ ସ୍ଥାନ ବିଶେଷ ପାଇଁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଧି ମୁତାବକ ସାଂସ୍କୃତିକ ଦଳମାନ ପ୍ରେରଣ କରାଯାଇ ପାରେ । |
| ୫. | ସାଧାରଣତଃ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହ ପଞ୍ଜୀକୃତ ହୋଇଥିବା ବିଭିନ୍ନ ସାଂସ୍କୃତିକ ଦଳମାନ ପ୍ରେରଣ କରାଯିବ । |
| ୬. | ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ଠାରୁ ସାଂସ୍କୃତିକ ଦଳ ପାଇବା ନିମନ୍ତେ ଅନୁରୋଧକାରୀ ଅନୁଷ୍ଠାନମାନେ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପଞ୍ଜୀକରଣ ଫି ବାବଦ ଟ.୧,୦୦୦/-ଙ୍କା ଜମା କରିବା ସହ CTMS web application ମାଧ୍ୟମରେ ବିଭାଗସହ ପଞ୍ଜୀକୃତ ହେବେ । |
| ୭. | ପ୍ରସ୍ତାବିତ କାର୍ଯକ୍ରମର ଧାର୍ଯ୍ୟ ଦିବସର ଅନ୍ୟୁନ୍ୟ ୨୫ ଦିନ ପୂର୍ବରୁ ସମ୍ପୃକ୍ତ ଅନୁରୋଧକାରୀ ସଂସ୍ଥାଙ୍କ ଠାରୁ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ବିଭାଗର ହସ୍ତଗତ ହେବା ଆବଶ୍ୟକ । |
| ୮. | ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଅନୁମୋଦିତ ପରିବେଷଣ ମୂଲ୍ୟରେ ସାଧାରଣତଃ ବିଭାଗ ସହ ପଞ୍ଜୀକୃତ ହୋଇଥିବା ସାଂସ୍କୃତିକ ଦଳମାନ ପ୍ରେରଣ କରାଯିବ । ଏହା ବ୍ୟତୀରେକ ସବ ଅନୁରୋଧକାରୀ ସଂସ୍ଥା ଯଦି କୌଣସି ପ୍ରମୁଖ/ସର୍ବଜନାଦୃତ ବା ଅନୁମୋଦିତ ପରିବେଷଣ ମୂଲ୍ୟରୁ ଅଧିକ ପ୍ରାପ୍ୟ ଚାହୁଁଥିବା ସାଂସ୍କୃତିକ ଦଳଙ୍କ ପରିବେଷଣ ଚାହାଁନ୍ତି, ତେବେ, ଅବଶିଷ୍ଟ ପରିବେଷଣ ମୂଲ୍ୟକୁ ସମ୍ପୃକ୍ତ ଅନୁରୋଧକାରୀ ସଂସ୍ଥା ନିଜେ ବହନ କରିବେ । |
| ୯. | ଗୋଟିଏ ଅନୁରୋଧକାରୀ ସଂସ୍ଥା ବର୍ଷକ ମଧ୍ୟରେ ସର୍ବାଧିକ ୩ ଗୋଟି ଅବସର ପାଇଁ ପ୍ରସ୍ତାବ ଦାଖଲ କରି ପାରିବେ ଏବଂ ସମ୍ପୃକ୍ତ ବର୍ଷରେ ସର୍ବାଧିକ ପାଞ୍ଚ ଗୋଟି ସାଂସ୍କୃତିକ ଦଳ ପାଇ ପାରିବେ । |

ପ.ପୃ .ଦେ

| କ୍ରମିକ ସଂଖ୍ୟା | **ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଅନୁରୋଧକାରୀ ସଂସ୍ଥାମାନଙ୍କ ପଞ୍ଜୀକରଣ ସଂକ୍ରାନ୍ତୀୟ ମାର୍ଗଦର୍ଶିକା/ନିୟମାବଳୀ** |
|---|---|
| **୧୦.** | ସମସ୍ତ ପଞ୍ଜୀକୃତ ଆବେଦଙ୍କରୀ ସଂସ୍ଥାମାନେ ତାଙ୍କ କାର୍ଯ୍ୟକ୍ରମ ପାଇଁ ଉନ୍ନତଧରଣର ମଞ୍ଚ, ଶବ୍ଦ, ଆଲୋକ ସଜ୍ଜା ସହ ବିଭାଗ ପକ୍ଷରୁ ପ୍ରେରଣ କରାଯାଇ ଥିବା ସାଂସ୍କୃତିକ ଦଳମାନଙ୍କ ଆତିଥେୟତା ଆଦି ବ୍ୟବସ୍ଥା କରିବେ । ପୁଣି, ପ୍ରସ୍ତାବିତ କାର୍ଯ୍ୟକ୍ରମ ସମାପନ ପରେ ଉକ୍ତ ପରିବେଷଣକାରୀ ସାଂସ୍କୃତିକ ଦଳଙ୍କ ସପକ୍ଷରେ ପରିବେଷଣ ପ୍ରମାଣ ପତ୍ରସହ ଉକ୍ତ ପରିବେଷଣର ଫଟୋ, ଭିଡିଓ ଆଦିକୁ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା CTMS web application ମାଧ୍ୟମରେ ଦାଖଲ କରିବେ । |
| **୧୧.** | ସମସ୍ତ ପଞ୍ଜୀକୃତ ଆବେଦଙ୍କରୀ ସଂସ୍ଥାମାନେ ତାଙ୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ମଞ୍ଚ ରେ **ସୌଜନ୍ୟ - ଓଡିଶା ସରକାର**ଙ୍କ ଲୋଗୋ ସହ **ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**, ଲିଖିତ ବ୍ୟାନର ଲଗାଇବେ । ଏତଦ ବ୍ୟତୀତ ବିଭାଗ ପାଇଁ ଉଦ୍ଦିଷ୍ଟ ଥିବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସାମାଜିକ ବାର୍ତ୍ତାକୁ ମଧ୍ୟ କାର୍ଯ୍ୟକ୍ରମ ପରିସରର ଏକ ପ୍ରମୁଖ/ଦୃଶ୍ୟମାନ ସ୍ଥାନରେ ଲଗାଇବେ । |
| **୧୨.** | ବିଭାଗ ଅଧୀନରେ ପଞ୍ଜୀକୃତ ହୋଇଥିବା ସାଂସ୍କୃତିକ ଦଳମାନେ ତାଙ୍କ ପରିବେଷଣରେ କୌଣସି ଅଶ୍ଳୀଳତା /ଅଶିଷ୍ଟତାକୁ ପ୍ରଶ୍ରୟ ଦେବେ ନାହିଁ । କୌଣସି ଦ୍ୱି-ଅର୍ଥ ବୋଧକ ଭାଷା ବା ଅଶ୍ଳୀଳ ଭାଷା କିମ୍ବା ଅଶ୍ଳୀଳ ଇଙ୍ଗିତକୁ ମଧ୍ୟ ପରିହାର କରିବେ ଯାହାକି ମହିଳା ଏବଂ କୋମଳମତି ଶିଶୁମାନଙ୍କୁ ଅବବୋଧ ନ ହେବ । ପରିବେଷଣରେ ଯେମିତି କୌଣସି ଧର୍ମ, ସଂପ୍ରଦାୟ, ଲୋକ ବିଶ୍ୱାସ ଆଦିକୁ କୌଣସି ପ୍ରକାର ଆଘାତ ନ ଦିଏ, ସେଥିପ୍ରତି ପଞ୍ଜୀକୃତ ଦଳମାନେ ବିଶେଷ ଧ୍ୟାନ ଦେବେ । |
| **୧୩.** | ଉପରୋକ୍ତ ମାର୍ଗଦର୍ଶିକା/ନିୟମାବଳୀକୁ ଯଦି କୌଣସି ଅନୁରୋଧକାରୀ ସଂସ୍ଥା ଉଲଂଘନ କରନ୍ତି, ତେବେ, ତାହାକୁ **ଭାଗୀଦାରୀ ଅପରାଧ** ବିବେଚନା କରାଯାଇ ସମ୍ପୃକ୍ତ ସଂସ୍ଥାଙ୍କ ପଞ୍ଜିକରଣକୁ ନିୟମ ଅନୁଯାୟୀ ରଦ୍ଦ କରାଯିବ । |